# Akashvani, Sambalpur

# SAMBALPURI NEWS BULLETIN

## 11 October 2024- 6.47- 6.52 am.

**************************************************

ଦୁର୍ଗାପୂଜା ଆର୍‌ଏନ୍‌ୟୁ /ସମ୍ବଲପୁର

ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ପୂଜାର୍ ଲାଗି ରାଜ୍ୟର୍ ଗାଁ ସହର୍ ସବୁନ ଗହକି ଲାଗିଛେ । ଶକ୍ତିପୀଠ ମାନ୍‌କେ ଆଏଜ୍ ନଅମୀ ପୂଜା ଚାଲିଥିବାର ବେଲେ ପୂଜାମଣ୍ଡପ୍‌ମାନ୍‌କୁ ଦେବୀଙ୍କର୍ ଅଷ୍ଟମୀ ପୂଜା କରାଯାଉଛେ । ମନ୍ଦିର୍ ଆର୍ ପୂଜା ମଣ୍ଡପ୍ ମାନେ ସୁନ୍ଦର୍ ସାଜ୍‌ସଜା ଆର୍ ଆଲୋକମାଳାଥି ଝଲ୍‌ସୁଛେ । ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପୂଜା ମଣ୍ଡପ୍‌ମାନ୍‌କୁ ଯାଇକରି ମା'ଙ୍କର୍ ଦର୍ଶନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଛତର୍ ଯାତ୍ରା          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡିର୍ ଇଷ୍ଟଦେବୀ ମା ମାଣିକେଶ୍ୱରୀଙ୍କର୍ ଛତର୍ ଯାତ୍ରା ଆଏଜ୍ ପହପହନୁ ଚାଲିଛେ । ଗଲାକାଏଲ୍ ମହାଷ୍ଟମୀ ତିଥି ଅଧ୍ରାତି ମନ୍ଦିର୍ ନ ଖାସ୍ ପୂଜାପାଠ୍ ଆର୍ ଅଷ୍ଟବଳୀ ଉତ୍ରୁ ଦେବୀଙ୍କର୍ ବିଜୟ ପ୍ରତିମା ଛତର୍‌କେ ସହର୍ ପାଖେ ଉତର୍ ପଶ୍ଚିମ ଦିଗେ ଥିବା ମନ୍ଦିର୍‌ଠାନୁ ପାଖାପାଖି ୩ କିଲୋମିଟର୍ ଦୂରିଆ ଜେନାଖାଲ୍‌କେ ନିଆଯାଇଥିଲା । ସେନ ଗୁପ୍ତ ପୂଜା ଉତ୍ରୁ ଦେବୀଙ୍କର୍ ଛତର୍‌ର ପ୍ରତ୍ୟାବର୍ତନ୍ ଯାତ୍ରା ଚାଲିଛେ । ବୀରବାଦ୍ୟ ଘୁମ୍ରା ଆର୍ ନିଶାନ୍ ସାଙ୍ଗେ ସେବାୟତ୍‌ମାନେ ମାଙ୍କର୍ ଛତର୍‌କେ ନେଇକରି ମନ୍ଦିର୍ ଆଡ଼୍‌କେ ବଢୁଛନ୍ । ମା'ଙ୍କର୍ ଛତର୍‌ର ଦର୍ଶନ୍ ଲାଗି ଖୋବ୍ ସଂଖ୍ୟା ନ ଭକ୍ତଙ୍କର୍ ଭିଡ଼୍ ହେଇଛେ । ସଖାଲର୍ ୧୦ ବଜାତକ୍ ଦେବୀଙ୍କର୍ ଛତର୍ ମନ୍ଦିର୍ ପାଖେ ପୁହୁଁଚିଲା ଉତ୍ରୁ ରାଜାଙ୍କର୍ ପ୍ରତିନିଧି ଆର୍ ପୂଜକମାନେ ଦେବୀଙ୍କର୍ ଛତର୍‌କେ ମନ୍ଦିର୍ ଭିତର୍‌କେ ବିଜେ କରାବେ ।

ଭାଇ ଜିଉଁତିଆ        ଆର୍‌ଏନ୍‌ୟୁ / ସମ୍ବଲପୁର

ପଶ୍ଚିମ ଓଡ଼ିଶାର୍ ଭାଇ ଜିଉଁତିଆ ତିହାର୍‌ଥି ଆଏଜ୍ ସଖାଲୁ ଉପାସୀ ନାନୀ, ବହେନ୍‌ମାନେ ଦଦା ଭାଏ ମାନ୍‌କୁ ଦୁବ୍

ଚଢ଼େଇକରି ବନ୍ଦଉଛନ୍ । ଭାଇ ମାନ୍‌କର୍ ଲମ୍ବା ଜୀବନ୍ ଆର୍ ମଙ୍ଗଲ୍ କାମ୍‌ନା କରିକରି ନାନୀ, ବହେନ୍ ମାନେ ଗଲାକାଏଲ୍ ଦିନ୍‌ସାରା ନିର୍ଜଳା ଉପାସ୍ ରହିଥିଲେ । ସଞ୍ଜ୍‌ବେଲେ ନଦୀ ଆର୍ ବନ୍ଧ୍‌ଘାଟ୍ ମାନ୍‌କୁ ଉପାସୀ ମାନେ ବାଲିର୍ ବେଦୀ କରିକରି ପୂଜା କରିଥିଲେ । ତାର୍ ଉତ୍‌ରୁ ସେମାନେ ଗାଁ ଇଲାକାର୍ ପୂଜା କୁଠି ଆର୍ ସହର୍ ଇଲାକାର୍ ପୂଜା ମଣ୍ଡପ୍‌ମାନ୍‌କେ ଫଲ୍‌ଫୁଲ୍, ଦୁବ୍ ଜିଉଁତିଆ ଚଢ଼େଇକରି ଦେବୀଙ୍କର୍ ଅର୍ଚ୍ଚନା କରିଥିଲେ । କେତେ ଗାଁ ନ ଆଏଜ୍‌କାଏଲ୍ ଭିଲ୍ ଡାଲ୍‌ଖାଇ କୁଠିନ ଉପାସୀମାନେ ପୂଜା କର୍‌ବାର୍ ପରମ୍ପରା ଚଲୁଛେ ।

ରାସନ୍ କାର୍ଡ଼- ଇ-କେଓ୍ୱାଇସି       ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ରାସନ୍‌କାର୍ଡ଼ର ଇ-କେଓ୍ୱାଇସି ପଞ୍ଜିକରଣ୍ ଚାଲିଛେ । ଏବ୍‌ତକ୍ ପାଖାପାଖି ୨ କୋଟି ୩୦ ଲାଖ୍ ରାସନ୍‌କାର୍ଡ଼ ହିତାଧିକାରୀଙ୍କର୍ ଇ-କେଓ୍ୱାଇସି ହେଇସାରିଥିବାର୍ ବେଲେ ଆଉ ପାଖାପାଖି ୧ କୋଟି ହିତାଧିକାରୀଙ୍କର୍ ଇ-କେଓ୍ୱାଇସି ହେବାର୍ ବାକି ଅଛେ । ଆଏବା ୧୫ - ୨୦ ଦିନ୍ ଭିତ୍‌ରେ ହେ କାମ୍ ସରିଗଲା ଉତ୍‌ରୁ ନୂଆଁ ରାସନ୍‌କାର୍ଡ଼ ବଂଟାଯିବା ବଲି ରାଜ୍ୟ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍

ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ତାଙ୍କର୍ ସୂଚ୍ନା ଅନ୍ସାରେ ରାଏଜେ ୨୦୧୬-୧୭ ମସିହାନୁ ଏବ୍ତକ୍ ୧୬ ଲାଖ୍ ୨୭ ହଜାର୍ ୯ ଶହ ୨୦ ଟା ରାସନ୍କାର୍ଡ଼୍କେ ଅଯୋଗ୍ୟ ଘୋଷ୍ନା କରାଯାଇଛେ । ଅଯୋଗ୍ୟ ହିତାଧିକାରୀଙ୍କର୍ ନାଁ କାଟିକରି ନୂଆଁ ହିତାଧିକାରୀମାନ୍କୁ ଜୁଡ଼୍ବାର୍କେ ରାସନ୍କାର୍ଡ଼୍ଥି ନାଁଥିବାର୍ ପରିବାର୍ର ସବୁ ଲୁକ୍କର୍ ଆଧାର୍ ଯୁକ୍ତ ଇ-କେୱାଇସି କରାଯାଉଛେ । ଇ ପ୍ରକ୍ରିୟା ରାସନ୍କାର୍ଡ଼୍ଥି ଖାଦ୍ୟ ଯୋଗାଣ ବ୍ୟବସ୍ଥାଥି ସ୍ୱଚ୍ଛ କର୍ବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।
ସେଆଡ଼େ ପ୍ରଧାନ୍ମନ୍ତ୍ରୀ ଗରିବ୍ କଲ୍ୟାଣ୍ ଯୋଜ୍ନାର୍ ସମିଆକେ ଆଏବା ୨୦୨୮ ମସିହାତକ୍ ବଢ଼େଇଥିବାର୍ ବେଲେ ରାଜ୍ୟ ସର୍କାର୍ ଭିଲ୍ ନିଜର୍ ଯୋଜ୍ନାଥି ମାହାଲିଆ ଚାଉଲ୍ ଯୁଗାବାର୍ ସମିଆକେ ବଢ଼ାବାର୍କେ ଯାଉଛନ୍ ବଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚ୍ନା ଦେଇଛନ୍ ।

ଏମ୍‌ବିବିଏସ/ବିଡ଼ିଏସ୍-ମେରିଟ୍ ଲିଷ୍ଟ     ଆର୍ଏନ୍ୟୁ /ସମ୍ବଲପୁର

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ ତର୍ଫୁ ଏମ୍‌ବିବିଏସ୍ ଆର୍ ବିଡ଼ିଏସ୍ ପାଠ୍ୟକ୍ରମ୍‌ଥି ନାଁଲେଖାବାର୍କେ

ପରିବର୍ତ୍ତିତ୍ ମେରିଟ୍ ଲିଷ୍ଟ ବାହାରିଛେ । ଇ ଲିଷ୍ଟ ଆଧାର୍‌ଥି ଆଏଜ୍‌ଠାନୁ ୩ ନମ୍ବର୍ ଖେପ୍ ନାଁଲେଖା ପ୍ରକ୍ରିୟା ମୁଲ୍ ହେବା । ୧୪ ତାରିଖ୍‌ତକ୍ ପ୍ରାର୍ଥୀମାନେ ଚଏସ୍ ଫିଲିଂ କର୍‌ବେ । ୧୬ ତାରିଖ୍ ଦିନ ପ୍ରଭିଜ୍‌ନାଲ୍ ଏଲଟ୍‌ମେଂଟ୍ ବାହାର୍‌ବା ଆର୍ ୨୧ ନୁ ୨୨ ତାରିଖ୍ ଭିତ୍‌ରେ ନାଁଲେଖା ହେବା ।

ଜୟପ୍ରକାଶ୍ ନାରାୟଣ୍, ଶହୀଦ୍ ବାଜିରାଉତ

ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହେଉଛେ ଲୋକ ନାୟକ୍ ଜୟପ୍ରକାଶ୍ ନାରାୟଣ୍‌ଙ୍କର୍ ଜନମ୍‌ଦିନ୍ ଆର୍ ଶହୀଦ୍ ବାଜିରାଉତଙ୍କର୍ ଶ୍ରାଦ୍ଧ ଦିନ୍ । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଖାସ୍ କରି ଭାରତ୍ ଛାଡ୍ ଆନ୍ଦୋଲନ୍‌ଥି ବଡ଼ ଭୂମିକା ନେଇଥିବା ଜୟପ୍ରକାଶ୍ ନାରାୟଣ୍ ଜାତୀୟ ଜରୁରୀକାଲୀନ ପରିସ୍ଥିତିର୍ ଡଟିକରି ପ୍ରତିରୋଧ୍ କରିଥିବାର୍‌ନୁ ତାହାକୁ ଲୋକନାୟକ୍ କୁହାଯାଏସି । ସେନ୍ତା ବ୍ରିଟିଶ୍ ଶାସନ୍ ସମିଆଥି ପିଲାଟେ ହେଇଥିଲେ ଭିଲ୍ ବାଜିରାଉତ ପ୍ରଜାମଣ୍ଡଲ୍ ଆନ୍ଦୋଲନ୍‌କେ ସୁରକ୍ଷା ଦେବାର୍ ଲାଗି ଇଂରେଜ୍ ସୈନ୍ୟମାନ୍‌କର୍ ଗୁଲିଥି ଶହୀଦ୍ ହେଇଥିଲେ । ରାଜ୍ୟସ୍ତରୀୟ ଜୟପ୍ରକାଶ୍ ଜୟନ୍ତୀ ଆର୍ ଶହୀଦ୍ ବାଜିରାଉତ୍ ଶ୍ରାଦ୍ଧ ଦିବସ୍

ସଭା ଉପର୍‌ବେଲା ୬ ବଜେ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ହେବା ।

ସାହିତ୍ୟ - ନୋବେଲ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଦକ୍ଷିଣ କୋରିଆର ସାହିତ୍ୟିକା ହାନ୍ କାଙ୍ଗ୍ ସାହିତ୍ୟ ଲାଗି ନୋବେଲ୍ ପୁରସ୍କାର୍ ପାଏବେ । ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସ ତର୍‌ଫୁ ଗଲାକାଏଲ୍ ଇ ଘୋଷ୍‌ନା କରାଯାଇଛେ । ୫୩ ବଛର୍ ବୟସର୍ ହାନ୍ କାଙ୍ଗ୍ ମୁନୁଷ୍ ଜୀବନ୍‌ର ଦୁଃଖ ଆର୍ କଷ୍ଟ ବାବ୍‌ଦେ ରଚନା କରିଥିବା କାବ୍ୟ ଗଦ୍ୟର୍ ଲାଗି ନୋବେଲ୍ ପୁରସ୍କାର୍ ପାଏବାର୍‌କେ ମନୋନୀତ ହେଇଛନ୍ ।

ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍ । ଲିଙ୍ଗଗତ ସମାନତା ଆର୍ ଝିଅମାନ୍‌କୁ ସମାନ୍ ସୁଯୋଗ୍ ଦେବାର୍‌କେ ଇ ଦିନ୍ ପାଲନ୍ କରାଯାଏସି । ଝିଅମାନେ ଯେନ୍ତା ଶିକ୍ଷା, ପୋଷଣ, ଶାରୀରିକ୍ ଆର୍ ମାନସିକ କଲ୍ୟାଣ, ଆଇନ୍‌ଗତ ଅଧିକାର୍ ସବୁ

କ୍ଷେତ୍ର ନ ଭେଦ୍‌ଭାବ୍‌ର ଶିକାର୍ ନାଇଁ ହେବେ ସେ ବାବ୍‌ଦେ ସମାଜ୍‌କେ ସଚେତନ୍ କର୍‌ବାର୍ ଇ ଦିନ୍ ପାଲନ୍‌ର ଉଦ୍ଦେଶ୍ୟ ଆଏ । ଇ ବଛର୍ ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍‌ର ବିଷୟ 'ଭବିଷ୍ୟତ ପାଇଁ କନ୍ୟାଙ୍କ ଦୂରଦୃଷ୍ଟି' ରଖାଯାଇଛେ ।

ମନ୍ତ୍ରୀ ରବି ନାରାୟଣ୍ ନାୟକ-ସମ୍ବର୍ଦ୍ଧନା  ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁର୍ ଜିଲ୍ଲାର୍ କୁଚିଣ୍ଡା ବିଧାନ୍‌ସଭା କ୍ଷେତ୍ରର୍ ପ୍ରତିନିଧି ସ୍ୱାଧୀନତା ଉତ୍‌ରୁ ପହେଲା କରି ରାଜ୍ୟ ମନ୍ତ୍ରୀମଣ୍ଡଲ୍ ନ ଠାନ୍ ପାଇଥିବାର୍‌ନୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ୍ ପଂଚାୟତ୍‌ରାଜ୍ ଆର୍ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ୍ ନାୟକଙ୍କୁ ଗଲାକାଏଲ୍ କୁଚିଣ୍ଡା ନ ନାଗରିକ୍ ସମ୍ବର୍ଦ୍ଧନା ଦିଆଯାଇଛେ । କୁଚିଣ୍ଡା କଲେଜ୍ ଅଡିଟୋରିୟମ୍ ନ ହେଇଥିବା ସମ୍ବର୍ଦ୍ଧନା ସମାରୋହଥି କୁଚିଣ୍ଡା ଇଲାକାର୍ ଭିନ୍ ଭିନ୍ ସଂଗଠନ୍‌ର କର୍ମକର୍ତାମାନେ ସାମିଲ୍ ହେଇଥିଲେ ।

ଗାଁ ଇଲାକାର୍ ପରିବାର୍ କମାନି  ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶର୍ ଗାଁ ଇଲାକାର୍ ପରିବାର୍‌ମାନ୍‌କର୍ ହାରାହାରି କମାନି ଗଲା ୨୦୧୬-୧୭ ନୁ ୨୦୨୧-୨୨ ଭିତ୍‌ରେ ୫୭ ଶତ୍‌କଡ଼ା ବଢ଼ିଛେ । ନାବାର୍ଡ଼ ତର୍‌ଫୁ ହେଇଥିବା ସର୍ଭେ ଅନ୍‌ସାରେ ୨୦୧୬-୧୭ ବଛ୍‌ରେ ଗାଁ ଇଲାକାର୍ ପରିବାର୍ ମାନ୍‌କର୍ ମାସ୍‌କର୍ କମାନୀ ୮ ହଜାର୍ ୫୯ ଟଙ୍କା ଥିବାର୍ ବେଲେ ୨୦୨୧ -୨୨ ବଛ୍‌ରେ ସେମାନ୍‌କର୍ ମାସ୍‌କିଆ କମାନି ୧୨ ହଜାର୍ ୬ ଶହ ୯୮ ଟଙ୍କାକେ ବଢ଼ିଛେ । ସେନ୍ତା ପରିବାର୍‌ମାନ୍‌କର୍ ମାସ୍‌କିଆ ଖର୍ଚ୍ଚା ୬ ହଜାର୍ ୬ ଶହ ଟଙ୍କାନୁ ୧୧ ହଜାର୍ ୨ ଶହ ଟଙ୍କାକେ ବଢ଼ିଛେ ।